## ଗୋଚର ଜମିରେ ପୋଖରୀ ଖୋଳାକୁ ବିରୋଧ

କେନ୍ଦ୍ରାପଡ଼ା ଅଫିସ: କେନ୍ଦ୍ରାପଡ଼ା ତହସିଲ ତନାର ମୌଜାର ଶେଉଳମୁହଁ ଗ୍ରାମ ଗୋଚର ଜମିରେ ପୋଖରୀ ଖୋଳାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗୁରୁବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ତଦନ୍ତ ପାଇଁ ଦାବି କରିଛନ୍ତି। ଗ୍ରାମର ଗଗନଚରଣ ପାତ୍ର କହିଛନ୍ତି, ଗୋଚର ଜମିରେ ପୋଖରୀ ଖୋଳା ହେବା ଦ୍ୱାରା ଗୋଚାରଣ ସମସ୍ୟା ଦେଖାଦେଉଛି। ଏଠାରେ ଥିବା ପୋଖରୀକୁ ନବୀକରଣ ନାମରେ ଅର୍ଥ ହରିଲୁଟ କରାଯାଉଛି। ଗୋଚର ଜମିରେ ଥିବା ବରଗଛକୁ କଟାଯାଇଛି। ଗ୍ରାମବାସୀ ବିରୋଧ କରିବାରୁ ସମ୍ପୃକ୍ତ ବ୍ୟକ୍ତି ଧମକ ଦେଉଛନ୍ତି। ପୂର୍ବରୁ ତହସିଲଦାର ଓ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସୁଫଳ ନ ମିଳିବାରୁ ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଗରିବଙ୍କୁ ଧନୀ ଦର୍ଶାଇ ସତ୍ୟପାଠ ଦାଖଲ

### ହାଇକୋର୍ଟରେ ରାଶନ ସାମଗ୍ରୀ ହଡ଼ପ ମାମଲା

- ପ୍ରତି ଜବାବ ରଖିଲେ ଅଭିଯୋଗକାରୀ
- ଅଡୁଆରେ ଜିଲାପାଳ, ଉପଜିଲାପାଳ, ଧର୍ମଶାଳା ବିଡିଓ

**ଯାଜପୁର ଅଫିସ୍,୧୬।୭**

ମାମଲାରୁ ବର୍ତ୍ତିବା ପାଇଁ ଗରିବ ଲୋକଙ୍କୁ ଧନୀ ଦର୍ଶାଇ ହାଇକୋର୍ଟରେ ମିଥ୍ୟା ସତ୍ୟପାଠ ଦାଖଲ କରାଯିବା ଭଳି ଏକ ସମ୍ବେଦନଶୀଳ ଘଟଣା ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ଦେଖିବାକୁ ମିଳିଛି। ଗରିବ ଓ ମୃତ ଲୋକଙ୍କ ନାମରେ ରାଶନ ସାମଗ୍ରୀ ହଡ଼ପ ହୋଇଥିବା ଗତ ଏପ୍ରିଲରେ ଅଭିଯୋଗ ହୋଇଥିଲା। ଏହି ମର୍ମରେ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲଙ୍କ ମାଧ୍ୟମରେ ଯାଜପୁର ଜିଲାପାଳ, ଉପଜିଲାପାଳ ଓ ଧର୍ମଶାଳା ବିଡିଓଙ୍କୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହି କ୍ରମରେ ଗତ ମେ ୧୫ ତାରିଖରେ ଧର୍ମଶାଳା ବିଡିଓ ଏକ ସତ୍ୟପାଠ ଦାଖଲ କରି ୩୧ ଜଣ ହିତାଧିକାରୀଙ୍କୁ କାହିଁକି ରାଶନକାର୍ଡରୁ ବଞ୍ଚିତ କରାଯାଇଛି, ସେ ନେଇ ତଥ୍ୟ ରଖିଥିଲେ। ଅଭିଯୋଗକାରୀ ବେହୁରା ୩।୭।୨୦୨୦ରେ ଉକ୍ତ ସତ୍ୟପାଠ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରମାଣିତ କରି ପ୍ରତିଜବାବ ରଖିଥିଲେ। ଯାହାକୁ ନେଇ ଯାଜପୁର ଜିଲାପାଳଙ୍କ ଭୂମିକା ସନ୍ଦେହ ଘେରକୁ ଆସିଥିବା ବେଳେ ଏହାକୁ ସୁଧାରିବା ପାଇଁ ଗତ ୨ ଦିନ ହେଲା ପ୍ରଶାସନ ପକ୍ଷରୁ ଘରଘର ବୁଲି ରାଶନ ସାମଗ୍ରୀ ବଣ୍ଟନ କରାଯାଉଛି ବୋଲି ଅଭିଯୋଗକାରୀ ବେହୁରା ସୂଚନା ଦେଇଛନ୍ତି।

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କରୋନା ସହାୟତା ଯାଜପୁର ଜିଲାରେ ରାଶନ ଦୁର୍ନୀତିର ପର୍ଦ୍ଦାଫାଶ କରିଥିଲା। ଜିଲାର ଧର୍ମଶାଳା ବ୍ଲକ ଆରୁହା ପଞ୍ଚାୟତର ହିତାଧିକାରୀ ମୃତ ପାର୍ବତୀ ସାହାଣୀ ଓ କମାଗଡ଼ର ରମା ବେହେରାଙ୍କ ନାମରେ ରାଶନ ସାମଗ୍ରୀ ହଡ଼ପ ଘଟଣା ଜଣାପଡିବା ପରେ ବିଭିନ୍ନ ଗ୍ରାମର ଏକାଧିକ ପରିବାର ନାମରେ ରାଶନ ସାମଗ୍ରୀ ହଡପ ଅଭିଯୋଗ ହୋଇଥିଲା। ଏ ନେଇ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ଡିଲର ଓ ପ୍ରଚ୍ଛଦ ପଟରେ ସହଯୋଗୀ ସାଜିଥିବା କର୍ମଚାରୀ ତଥା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ, ଉପଜିଲାପାଳ, ଡିଆର୍‌ଡିଏର ପିଡି ପ୍ରମୁଖଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସାମାଜିକ କର୍ମୀ ବେହୁରା ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଧର୍ମଶାଳା ବିଡିଓ ସତ୍ୟପାଠ ଦାଖଲ କରି ଜବାବ ରଖିଥିଲେ। ସତ୍ୟପାଠରେ ୩୧ଜଣ ହିତାଧିକାରୀଙ୍କ ରାଶନକାର୍ଡ କାଟିଥିବା ନେଇ କାରଣ ଦର୍ଶାଯାଇଥିଲା। ଏଥିରେ ପାଖର ପଞ୍ଚାୟତ ଛେଲିପଦା ଗ୍ରାମର ଦଲି ମଲିକ (କାର୍ଡ ନଂ.-୦୩୪୭) ସ୍ୱାମୀ-ବେଲାରସେନ ମଲିକଙ୍କ ରାଶନକାର୍ଡକୁ ଅତ୍ୟଧିକ ବିଦ୍ୟୁତ୍ ଖର୍ଚ୍ଚ ହୋଇଥିବା ଦର୍ଶାଇ କାଟିଦିଆଯାଇଥିଲା। କିନ୍ତୁ ବାସ୍ତବରେ ସେମାନଙ୍କ ଘରେ କୌଣସି ବିଦ୍ୟୁତ୍ ସଂଯୋଗ ହୋଇନାହିଁ କିମ୍ବା ପକ୍କାଘରଟିଏ ନାହିଁ। ସେମାନେ ଜୀବନରେ କେବେ ବିଦ୍ୟୁତ୍ ଉପଭୋକ୍ତା ହୋଇନାହାନ୍ତି, ବିପିଏଲ କିମ୍ବା ରାଶନକାର୍ଡ ନଥିବାରୁ ଏହି ସୁବିଧାରୁ ସେମାନେ ବଞ୍ଚିତ ହୋଇଥିବା ଉଭୟ ବେଲାରସେନ ଓ ତାଙ୍କ ସ୍ତ୍ରୀ ଦଲି କହିଛନ୍ତି। କମାଗଡ ପଞ୍ଚାୟତ କମାଗଡ ଗ୍ରାମର ଦୀପ୍ତିମୟୀ ମହାରଣା, ସ୍ୱାମୀ ଧ୍ରୁବଚରଣ ମହାରଣାଙ୍କ ରାଶନକାର୍ଡକୁ ତାଙ୍କ ଶ୍ୱଶୁର ରେଲୱେ ପେନସନ ପାଉଥିବା ଦର୍ଶାଯାଇ କାଟି ଦିଆଯାଇଥିଲା। କିନ୍ତୁ ୨୦୧୫ ଜୁଲାଇ ୨୭ ତାରିଖରୁ ତାଙ୍କ ଶ୍ୱଶୁର ସୁଧୀର ମହାରଣାଙ୍କ ଦେହାନ୍ତ ହୋଇସାରିଛି। ସେହିପରି ମହୀସରା ପଞ୍ଚାୟତ ରମ୍ଭେଇ ଗ୍ରାମର ସ୍ୱର୍ଣ୍ଣଲତା ବିଶ୍ୱାଳ ସ୍ୱାମୀ-ମାୟାଧର ବିଶ୍ୱାଳଙ୍କ ରାଶନକାର୍ଡକୁ ୬ଟି କୋଠାଘର ରହିଥିବା ଦର୍ଶାଇ କାଟି ଦିଆଯାଇଛି। କିନ୍ତୁ ବିଡ଼ମ୍ବନା ଯେ, ସ୍ୱର୍ଣ୍ଣଲତା ଓ ତାଙ୍କ ପରିବାର ଏକ ଝାଟିମାଟି ଘରେ ଅତି ଦୟନୀୟ ଭାବେ ରହୁଛନ୍ତି। କିନ୍ତୁ ଉପରୋକ୍ତ ହିତାଧିକାରୀଙ୍କ ନାମରେ ମିଥ୍ୟା ରିପୋର୍ଟ ପ୍ରଦାନ କରି ଜିଲା ପ୍ରଶାସନ ହାଇକୋର୍ଟ ମାମଲାରୁ ବର୍ତ୍ତିବାକୁ ଏହିଭଳି ଯୋଜନା କରିଥିବା ସ୍ପଷ୍ଟ ହେଉଛି। ହାଇକୋର୍ଟ ମାମଲାରେ ପକ୍ଷଭୁକ୍ତ ଥିବା ଜିଲାପାଳ, ଉପଜିଲାପାଳ ଓ ଧର୍ମଶାଳା ବିଡିଓ ଏଥିପାଇଁ ଦାୟୀ ବୋଲି ଅଭିଯୋଗକାରୀ ବେହୁରା କହିଛନ୍ତି। ଏ ସଂକ୍ରାନ୍ତରେ ଧର୍ମଶାଳା ବିଡିଓ ସ୍ମିତା ରଥଙ୍କୁ ପଚାରିବାରେ ସେ କହିଛନ୍ତି, ଅନ୍‌ଲାଇନରେ ମିଳିଥିବା ରିପୋର୍ଟ ଅନୁସାରେ ସତ୍ୟପାଠ ଦାଖଲ ହୋଇଛି। ତ୍ରୁଟି ସୁଧାରି ଆସନ୍ତା ୨୨ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ହୋଇଛି। ସମ୍ପ୍ରତି ରିପୋର୍ଟ ଉପରେ ତଦନ୍ତ ଚାଲିଛି। ବାସ୍ତବ ସ୍ଥିତି ଦେଖି ହିତାଧିକାରୀଙ୍କ ସମ୍ପର୍କରେ ରିପୋର୍ଟ ପ୍ରଦାନ କରାଯିବ।

## ଓଢ଼ଣି ଲଗାଇ ମହିଳାଙ୍କ ଆତ୍ମହତ୍ୟା

### ହତ୍ୟା ଅଭିଯୋଗ ଆଣିଲେ ବାପା

**ଯାଜପୁର ରୋଡ୍, ୧୬।୭ (ଡି.ଏନ୍.ଏ.)**

ଯାଜପୁର ରୋଡ୍ ଥାନା ଅଧୀନ ବ୍ୟାସନଗର ମ୍ୟୁନିସିପାଲିଟି ସହରସାହିର ପ୍ରତିମା ଦାସ(୩୫) ଗୁରୁବାର ସକାଳେ ବେକରେ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ତେବେ ପ୍ରତିମାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା କୋପଣ୍ଡ ଗ୍ରାମର ଚିନ୍ତାମଣି ଦାସ ଥାନାରେ ଅଭିଯୋଗ କରିଛନ୍ତି। ଯାଜପୁର ରୋଡ୍ ଥାନା ପୋଲିସ ଏ ନେଇ ନଂ.-୨୯୦/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ପ୍ରତିମା ୧୦ ବର୍ଷ ତଳେ ସହରସାହିର ମହେଶ୍ୱର ଦାସଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ବିବାହର କିଛିବର୍ଷ ପରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥିଲା। ବିଭିନ୍ନ ସମୟରେ ବାପଘରୁ ଟଙ୍କା ଆଣିବା ପାଇଁ ସ୍ୱାମୀ ପ୍ରତିମାଙ୍କୁ ଚାପ ପ୍ରୟୋଗ କରୁଥିଲେ। ଏ ନେଇ ପ୍ରତିମା ସବୁବେଳେ ଅଶାନ୍ତିରେ ରହୁଥିଲେ ବୋଲି ତାଙ୍କ ବାପା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଯାଇଛି।

## ସଂକ୍ଷେପରେ

### ନୟାଗଡ଼ରେ ପୁଣି ୧୬ ପଜିଟିଭ୍

#### ବାହାଡ଼ାଝୋଲା ୫ଦିନ ଶଟ୍‌ଡାଉନ

**ନୟାଗଡ଼ ଅଫିସ,୧୬।୭:** ନୟାଗଡ଼ ଜିଲାରେ ଗୁରୁବାର ୧୬ ପଜିଟିଭ୍ ଚିହ୍ନଟ ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୦୬ରେ ପହଞ୍ଚିଛି। ଏଥିମଧ୍ୟରେ ଭାପୁର ବ୍ଲକରୁ ୧, ଦଶପଲ୍ଲାରୁ ୪, ଓଡଗାଁରୁ ୧, ରଣପୁରରୁ ୭, ନୂଆଗାଁରୁ ୨, ଖଣ୍ଡପଡା ବ୍ଲକର ଜଣେ ଅଛନ୍ତି। ରଣପୁର ବ୍ଲକର କ୍ୱାରାଣ୍ଟାଇନ୍‌ରୁ ୫ ଜଣଙ୍କୁ ଛାଡିଦେଲେ ଅବଶିଷ୍ଟ କେସ୍‌ଗୁଡିକ ସ୍ଥାନୀୟ ଅଞ୍ଚଳରୁ ବାହାରିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ବୁଧବାର ୯ ଓ ଗୁରୁବାର ୨ କରୋନା ରୋଗୀ ଚିହ୍ନଟ ପରେ ବାହାଡାଝୋଲା ପଞ୍ଚାୟତର ୧୯ ୱାର୍ଡକୁ ଶଟ୍‌ଡାଉନ ଘୋଷଣା କରାଯାଇଛି। ଗୁରୁବାର ପୂର୍ବାହ୍ନ ୧୦ଟାରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ ବୋଲି ବାହାଡାଝୋଲା ସରପଞ୍ଚ ସୂଚନା ଦେଇଛନ୍ତି।

### ସରପଞ୍ଚଙ୍କୁ କାରଣ ଦର୍ଶାଅ ନୋଟିସ୍

**କୁଜଙ୍ଗ,୧୬।୭(ଡି.ଏନ.ଏ.):** କୁଜଙ୍ଗ ବ୍ଲକ ଅଧୀନ ସାଇଲୋ ପଞ୍ଚାୟତ ସରପଞ୍ଚ ରୋଜାଲିନ ମହାପାତ୍ର କୋଭିଡ୍-୧୯ ଆଇନ ଉଲ୍ଲଂଘନ କରି ଆକ୍ରାନ୍ତଙ୍କ ନାମ ସର୍ବସାଧାରଣରେ ପ୍ରକାଶ କରିଥିବା ଅଭିଯୋଗ ହୋଇଛି। ଏହାପରେ ଜଗତ୍‌ସିଂହପୁର ଜିଲାପାଳଙ୍କ ନିର୍ଦ୍ଦେଶମତେ କୁଜଙ୍ଗ ବିଡିଓ ଅମୀୟ କୁମାର ପଣ୍ଡା ଗୁରୁବାର ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ନୋଟିସରେ କାହିଁକି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ତାହା ଜଣାଇବାକୁ ଉଲ୍ଲେଖ କରିଛନ୍ତି। ସାଇଲୋ ପଞ୍ଚାୟତର ଏକ ପରିବାର ହାଇଦ୍ରାବାଦରୁ ଆସି ସଙ୍ଗରୋଧରେ ନ ରହି ସରପଞ୍ଚଙ୍କ ଅବହେଳା ଯୋଗୁ ୭ ଦିନ ଘରେ ରହିଥିଲେ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ପୋଲିସ ଓ ପ୍ରଶାସନ ସମ୍ପୃକ୍ତ ପରିବାରକୁ ନେଇ କୁଜଙ୍ଗ ଟିଏମ୍‌ସିରେ ରଖିବା ସହ ସେମାନଙ୍କ ସ୍ୱାବ୍ ପରୀକ୍ଷା କରିଥିଲେ। ପରୀକ୍ଷା ପରେ ପରିବାରର ବାପଝିଅ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସେମାନଙ୍କ ନାମ ସରପଞ୍ଚ ସର୍ବସାଧାରଣରେ ପ୍ରକାଶ କରିଥିଲେ।

### ତଳନାରାୟଣପୁରର ୨ ୱାର୍ଡ ଶଟ୍‌ଡାଉନ

**ମାର୍ଶାଘାଇ,୧୬।୭(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ପରକୁଳା ପଞ୍ଚାୟତ ତଳନାରାୟଣପୁର ଗ୍ରାମର ୨ ୱାର୍ଡକୁ ଗୁରୁବାର ଶଟ୍‌ଡାଉନ ଘୋଷଣା କରାଯାଇଛି। ଗ୍ରାମରେ ଦୁଇଜଣ କରୋନା ପଜିଟିଭ ଚିହ୍ନଟ ପରେ ୧୭ନଂ. ୱାର୍ଡର ଆଂଶିକ ଓ ୧୮ନଂ. ୱାର୍ଡର ସମ୍ପୂର୍ଣ୍ଣ ଅଞ୍ଚଳରୁ ସରପଞ୍ଚ ଉଷାରାଣୀ ଦାସ ଶଟ୍‌ଡାଉନ କରିଛନ୍ତି। ଏହି ଦୁଇ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ଗର୍ଭବତୀ ମହିଳା (୩୦) ଓ ଅନ୍ୟ ଜଣେ ୨୧ ବର୍ଷୀୟ ଯୁବକ ବୋଲି ଜଣାପଡିଛି। ଏମାନେ ଗତ ୧୦ ତାରିଖରେ ବେଙ୍ଗାଲୁରୁରୁ ଫେରି ବ୍ଲକର ପିଏନ୍‌ଏସ୍ ଆଇଟିଆଇ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ।

### ମାନପୁରରେ ଉଚ୍ଚ ବିଦ୍ୟାଳୟ ସ୍ଥାପନ ଦାବି

**କେନ୍ଦ୍ରାପଡା ଅଫିସ,୧୬।୭:** କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକର ଉପାନ୍ତ ଅଞ୍ଚଳ ମାନପୁର ଗ୍ରାମରେ ଉଚ୍ଚ ବିଦ୍ୟାଳୟ ନାହିଁ। ଅଧିକ ଶିକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ନାହିଁ ନଥିବା ଅସୁବିଧା ଭୋଗିବାକୁ ପଡୁଛି। ବହୁ ସମୟରେ ସେମାନନଙ୍କୁ ବୈତରଣୀ ନଦୀ ଆରପାଖେ ଥିବା ଭଦ୍ରକ ଜିଲା ଉପରେ ନିର୍ଭର କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟରେ ପରିଣତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଜିଲପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ଗ୍ରାମର ରମେଶଚନ୍ଦ୍ର ଦାଶ କୁହନ୍ତି, ମାନପୁର ଗ୍ରାମ ଜିଲାର ଉପାନ୍ତ ଅଞ୍ଚଳରେ ରହିଛି। ଏଠାରେ ଗମନାଗମନ ପଥ, ବିଦ୍ୟୁତ୍ ସେବା ଓ ପାନୀୟ ଜଳ ଭଳି ମୌଳିକ ସେବା ନାହିଁ। ଗ୍ରାମରେ ଉଚ୍ଚ ବିଦ୍ୟାଳୟ ନ ଥିବାରୁ ଛାତ୍ରୀଛାତ୍ର ବୈତରଣୀ ନଦୀ ପାର ହୋଇ ଭଦ୍ରକ ଜିଲା ଆରଡିସ୍ଥିତ ଉଚ୍ଚ ବିଦ୍ୟାଳୟକୁ ଯିବାକୁ ବାଧ ହେଉଛନ୍ତି। ଚଳିତ ବର୍ଷ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୨୪ ଛାତ୍ରୀଛାତ୍ର ପଢୁଥିବା ବେଳେ ଏହାକୁ ଉଚ୍ଚ ବିଦ୍ୟାଳୟରେ ପରିଣତ କରିବାକୁ ଦାବି ହୋଇଛି।

## ‘ବିଷ୍ଣୁ ଥିଲେ ଜନମାନସର ନେତା’



ସ୍ମୃତିସଭାରେ ଯୋଗଦେଇଥିବା ଅତିଥି।

### ଜିଲାବ୍ୟାପୀ ବିଷ୍ଣୁ ଦାସଙ୍କ ଏକାଦଶାହ ପାଳିତ

**ଜଗତ୍‌ସିଂହପୁର ଅଫିସ୍,୧୬।୭**

ତିର୍ତ୍ତୋଲ ବିଧାୟକ ବିଷ୍ଣୁଚରଣ ଦାସଙ୍କ ବିୟୋଗରେ ଗୁରୁବାର ଜିଲାବ୍ୟାପୀ ଶୋକ ପ୍ରକାଶ କରାଯାଇଛି। ପ୍ରତି ପଞ୍ଚାୟତ, ବ୍ଲକସ୍ତରରେ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ ହୋଇଥିଲା। ଜିଲାସ୍ତରରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ସ୍ମୃତିସଭା ହୋଇଥିଲା। ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାକୁ ବିଧାୟକ ଦେବୀ ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ଦଳର ନେତା, ମନ୍ତ୍ରୀ, ବିଧାୟକ, ଏମ୍‌ପି, ପୂର୍ବତନ ମନ୍ତ୍ରୀ ଓ ବିଧାୟକଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରଥମେ ମୁଖ୍ୟମନ୍ତ୍ରୀ ପଠାଇଥିବା ଶୋକବାର୍ତ୍ତା ପଢିଥିଲେ ଦୀପ୍ତିକୁମାର ଦାଶ।

କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା ଦାସଙ୍କ ସ୍ମୃତିଚାରଣ କରି କହିଥିଲେ, ସେ ଥିଲେ ଜନମାନସର ନେତା। ଲୋକଙ୍କ କଥା ବ୍ୟକ୍ତିଗତସ୍ତରରେ ବୁଝିବା ପାଇଁ ତାଙ୍କର ଉଦ୍ୟମ ଓଡ଼ିଶାର କୌଣସି ନେତାଙ୍କ କ୍ଷେତ୍ରରେ ଦେଖାଯାଏ ନାହିଁ। ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସେ ନିଜର ସ୍ୱାସ୍ଥ୍ୟ ପ୍ରତି ଅବହେଳା କରୁଥିଲେ। ଛାତ୍ର ସଂସଦ ରାଜନୀତିରୁ ସେ ତାଙ୍କ ରାଜନୈତିକ ଜୀବନ ଆରମ୍ଭ କରି ନିଜର କର୍ତ୍ତବ୍ୟନିଷ୍ଠା, ପରିଶ୍ରମ ଓ ଲୋକଙ୍କୁ ଭଲ ପାଇବା ଯୋଗୁ ଜଣେ ଲୋକପ୍ରିୟ ରାଜନେତା ଭାବରେ ପରିଚିତ ହୋଇ ପାରିଥିଲେ। ସେ ସବୁବେଳେ ଜନସମ୍ପର୍କ ଉପରେ ଗୁରୁତ୍ୱ ଦେଉଥିଲେ। ଜଗତ୍‌ସିଂହପୁର ଜିଲା ତଥା ଓଡ଼ିଶା ଏଭଳି ଜଣେ ନେତା ଆଉ ପାଇପାରିବ ନାହିଁ।

ଅନୁରୂପଭାବେ ଦେବୀ ମିଶ୍ର ମଧ୍ୟ ସ୍ୱର୍ଗତ ଦାସଙ୍କୁ ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ବୋଲି ଅଭିହିତ କରି ଗଭୀର ଶୋକପ୍ରକାଶ କରିଥିଲେ। ଶୋକସଭାରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ରଘୁନନ୍ଦନ ଦାସ, ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତୀ ବେହେରା, ଏମ୍‌ପି ରାଜଶ୍ରୀ ମଲ୍ଲିକ, ପୂର୍ବତନ ଏମ୍‌ପି କୁଳମଣି ସାମଲ, ବିଭୁପ୍ରସାଦ ତରେଇ, କଂଗ୍ରେସ ନେତା ଗଣେଶ୍ୱର ବେହେରା, ପୂର୍ବତନ ପ୍ରଭାତ ବିଶ୍ୱାଳ, ଜ୍ୟୋତିଷ ଦାସ, ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ଜିଲା କଂଗ୍ରେସ ସଭାପତି ନଟବର ବାରିକ, ପୂର୍ବତନ ଜିଲା କଂଗ୍ରେସ ସଭାପତି ରବୀନ୍ଦ୍ର ନାଥ ମହାନ୍ତି, ରାଜକିଶୋର ଖଟୁଆ, ଜିଲା ପରିଷଦ ସଭାପତି ପ୍ରିୟଦର୍ଶନୀ ବିଶ୍ୱାଳ, ଜଗତ୍‌ସିଂହପୁର ବ୍ଲକ ଅଧକ୍ଷା ବିଜୟଲକ୍ଷ୍ମୀ ବେହେରା ଓ ରଘୁନାଥପୁର ବ୍ଲକ ଅଧକ୍ଷା ସ୍ୱପ୍ନସରିତା ବଳ ପ୍ରମୁଖ ଦାସଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଥିଲେ। ଏହା ପୂର୍ବରୁ ଦାସଙ୍କ ମକୁନ୍ଦପୁରସ୍ଥିତ ବାସ ଭବନରେ ବିଧାୟକ ପ୍ରଣବ ପ୍ରକାଶ ଦାଶ, ପ୍ରମୋଦ ମଲ୍ଲିକ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୀବ ସାହୁ, ମନ୍ତ୍ରୀ ଜେନା, ରାଜ୍ୟ କାଜୁ ନିଗମ ଅଧକ୍ଷ ଅମରେନ୍ଦ୍ର ଦାସ ଓ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ ପ୍ରମୁଖ ପହଞ୍ଚି ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

## ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧାଙ୍କୁ ହତ୍ୟା ଘଟଣା: ଜଣେ କୋର୍ଟଚାଲାଣ

**କଳିଙ୍ଗନଗର, ୧୬।୭ (ଡି.ଏନ୍.ଏ.)**

ଯାଜପୁର ରୋଡ୍ ଥାନା ଦାନଗଦି ଫାଣ୍ଡି ଅଧୀନ ଛତରା ଗ୍ରାମର ନନ୍ଦିନୀ ପୁର୍ତ୍ତି (୬୦)ଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଘଟଣାରେ ପୋଲିସ ସେହି ଗ୍ରାମର କାର୍ତ୍ତିକ କେରେଇ (୨୪)ଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ନଂ.୨୮୯/୨୦ ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, କାର୍ତ୍ତିକଙ୍କ ଦାଦା ପୁଅ ସନାତନଙ୍କୁ ନନ୍ଦିନୀ ଗୁଣିଗାରେଡି କରି ମାରି ଦେଇଥିବା ସନ୍ଦେହ କରି କାର୍ତ୍ତିକ ତାଙ୍କ ବେକକୁ ଏକ ଟାଙ୍ଗିଆରେ ହାଣି ଦେଇଥିଲେ।

## ଯାଜପୁର ଜିଲାରେ ୧୫ ନୂଆ ସଂକ୍ରମିତ

### ଦିନକରେ ୯୮ ସୁସ୍ଥ

**ଯାଜପୁର ଅଫିସ,୧୬।୭**

ଯାଜପୁର ଜିଲାରେ ଗୁରୁବାର ପୁଣି ୧୫ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ସଂକ୍ରମିତ ସଂଖ୍ୟା ୯୩୪ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ରସୁଲପୁର ବ୍ଲକର ୮ଜଣ ରହିଥିବା ବେଳେ ବରୀ ବ୍ଲକର ୬ ଓ ବିଞ୍ଝାରପୁର ବ୍ଲକର ଜଣେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷେ ଗୁରୁବାର ଜିଲାର ୯୮ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ବିଞ୍ଝାରପୁର ବ୍ଲକର ୪୩ ଜଣ ବରୀ ବ୍ଲକର ୨୮, ରସୁଲପୁର ବ୍ଲକର ୯, ଯାଜପୁର ବ୍ଲକର ୮, କୋରେଇ ବ୍ଲକର ୬ ଜଣ, ଯାଜପୁର ମ୍ୟୁନିସିପାଲିଟିର ୨, ଦଶରଥପୁର ଓ ସୁକିନ୍ଦା ବ୍ଲକର ଜଣେ ଲେଖାଏ ରହିଛନ୍ତି। କିଛିଦିନ ତଳେ ଜିଲା ସଦର ଡାକ୍ତରଖାନାର ୨ ଜଣ ଡାକ୍ତର ଓ ୪ ଜଣ ନର୍ସ କରୋନା ସଂକ୍ରମିତ ହୋଇଥିଲେ। ତେଣୁ ଗତ ରବିବାରଠାରୁ ରାଣୀରାମଚନ୍ଦ୍ରପୁର, ସନ୍ଥେଶ୍ୱରପୁର, ଭାଗବତପୁର ଓ ସୁଷମାରୋଡ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ଉକ୍ତ ଅଞ୍ଚଳକୁ ସାନିଟାଇଜ୍ କରାଯାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## କରୋନା ଯୋଦ୍ଧା ସରପଞ୍ଚଙ୍କୁ ମାଡ଼ ଅଭିଯୋଗ

**ନୟାଗଡ଼ ଅଫିସ,୧୬।୭**

ନୟାଗଡ଼ ଜିଲାରେ କରୋନା ଯୋଦ୍ଧା ଜଣେ ସରପଞ୍ଚଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନ ଏପରି ଅଭିଯୋଗ ଆଣିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ବଳରାମ ପାହାଡରେ ଜଙ୍ଗଲ ଜମି ପ୍ଲଟିଂ କରି ବିକ୍ରି ଚାଲିଛି। ଏ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନ ଉପରେ ବିବୃତ୍ତି ଦେବା ପରେ ତାଙ୍କୁ ଆକ୍ରମଣ କରାଯାଇଛି। ଗତ ୧୪ ତାରିଖରେ ସରପଞ୍ଚ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି କରୁଥିବାବେଳେ ବିପିନ ପୃଷ୍ଟି ନାମକ ଜଣେ ବ୍ୟକ୍ତି ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଜଙ୍ଗଲ ଜମି ଉପରେ କାହିଁକି ମତ ରଖିଲ କହି ମାରପିଟ୍ କରିଥିଲେ। ଏଥିରେ ସରପଞ୍ଚଙ୍କ ହାତ ଅଙ୍ଗୁଠି ଭାଙ୍ଗିଯାଇଛି। ଏ ନେଇ ସରପଞ୍ଚଙ୍କ ପୂର୍ବରୁ ଆକ୍ରମଣକାରୀ ବିପିନ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କିଛି ତଦନ୍ତ ନ କରି ମକଦ୍ଦମା ରୁଜୁ କଲା। ସରପଞ୍ଚଙ୍କ ଅଭିଯୋଗ ପରେ ଦଫା ୪୫୨, ୨୯୪, ୩୨୩, ୩୨୫, ୫୦୬ରେ ମାମଲା (ନଂ.୧୦୧/୨୦) ରୁଜୁ ହୋଇଥିଲା। ଏଥିରେ ବିପର୍ଯ୍ୟୟ ପରିଚାଳନା ଆଇନ, ୩୫୩, କୋଭିଡ୍ ୧୯ ଆଇନର ଦଫାକୁ ବାଦ୍ ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ସଦର ଥାନା ଆଇଆଇସି ରୀନାରାଣୀ ସାହୁ କୁହନ୍ତି, ସରପଞ୍ଚଙ୍କ ବିରୋଧରେ ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇଛି। କାହାକୁ ଅନୁକମ୍ପା ଦେଖାଇବାର ପ୍ରଶ୍ନ ଉଠୁନି। ସରପଞ୍ଚଙ୍କ ଅଭିଯୋଗ ପରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇ ମକଦ୍ଦମା କରିଛି। ଦୁଇ ଅଭିଯୋଗର ତଦନ୍ତ ଚାଲୁ ରହିଛି। ପ୍ରମାଣ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ହେବ।


ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଗୁରୁବାର ଏକ ଟ୍ରେଲର ଉପରେ ମାଲବାହୀ ଟ୍ରେନ୍ ଚଢ଼ିଯାଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି।

## ଖଣି ଅଞ୍ଚଳରେ ଡାକ୍ତରଖାନା ପ୍ରତିଷ୍ଠା ଦାବି

**କାଳିଆପାଣି, ୧୬।୭ (ଡି.ଏନ୍.ଏ.)**

କାଳିଆପାଣି ଖଣି ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସାଧାରଣ ଥଣ୍ଡା ବା ଜ୍ୱର ହେଲେ ଅଞ୍ଚଳବାସୀଙ୍କ ସୁକିନ୍ଦା ନ ହେଲେ ଢେଙ୍କାନାଳ ଜିଲାର ଭୁବନ ଡାକ୍ତରଖାନାକୁ ଯାଉଛନ୍ତି। ଏହା ପ୍ରାୟ ୫୦ କି.ମି. ଦୂର ହୋଇଥିବାରୁ ଅନେକ ସମୟରେ ରୋଗୀଙ୍କ ସମ୍ପର୍କୀୟମାନେ ଅସୁବିଧା ଭୋଗୁଥିବା ବେଳେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏପରିକି ଅନେକ ଲୋକ କ୍ୱାକ୍‌ମାନଙ୍କ ଦ୍ୱାରା ଚିକିତ୍ସା କରାଉଛନ୍ତି। ତେବେ ଖଣି ଅଞ୍ଚଳରେ ଏକ ଡାକ୍ତରଖାନା ପ୍ରତିଷ୍ଠା କାରିବାକୁ ଗୁରୁବାର ଖଣି ଅଞ୍ଚଳ ସୁରକ୍ଷା ମଞ୍ଚ ପକ୍ଷରୁ କାଳିଆପାଣି ଥାନା ଜରିଆରେ ଜିଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଏହାଛଡ଼ା ଡାକ୍ତରଖାନା ପ୍ରତିଷ୍ଠା କରା ନ ଯିବା ପର୍ଯ୍ୟନ୍ତ ଟାଟା କମ୍ପାନୀର ରହିଥିବା ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଦିଆଯାଇ ରୋଗୀସେବା ଆରମ୍ଭ କରିବାକୁ ଦାବି ହୋଇଛି। ଆସନ୍ତା ୭ଦିନ ମଧ୍ୟରେ ଡିଏମ୍‌ଏଫ୍ ଅର୍ଥରେ ଡାକ୍ତରଖାନା ପ୍ରତିଷ୍ଠା ପାଇଁ କୌଣସି ପଦକ୍ଷେପ ନିଆ ନ ଗଲେ ପୂର୍ବଭଳି ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଖଣି ଅଞ୍ଚଳ ସୁରକ୍ଷା ମଞ୍ଚ ଆବାହକ କେସବ ହେସାଂ, ଟିଙ୍ଗୁଡ଼ିପାଳ ସରପଞ୍ଚ ନିଳେନ୍ଦ୍ର ପ୍ରଧାନ, ରାଁସୋଳ ସରପଞ୍ଚ ବିଶ୍ୱଜିତ ମହାନ୍ତି, ମନୋଜ ମାଲସାଣ୍ଡି, ଜେମା ଚାଖି ପ୍ରମୁଖ କାଳିଆପାଣି ଥାନାଧିକାରୀ ରାମାକାନ୍ତ ମୁଦୁଲିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।



ଖଣି ଅଞ୍ଚଳ ସୁରକ୍ଷା ମଞ୍ଚ ପକ୍ଷରୁ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ୮ କି.ଗ୍ରା. ଗଞ୍ଜେଇ ଜବତ, ୨ ଗିରଫ

**ନୟାଗଡ଼ ଅଫିସ/ନୂଆଗାଁ, ୧୬।୭(ଡି.ଏନ୍.ଏ.)**

ନୂଆଗାଁ ଥାନା ମହୀପୁର ଫାଣ୍ଡି ପୋଲିସ ଗୁରୁବାର ବାଇକ୍ ସହ ୮କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ କନ୍ଧମାଳ ଜିଲା ବାଲିଗୁଡା ସିଲିକୁଟି ଗାଁର ପ୍ରଦୀପ ସାହୁ ଓ ଭୀମ ବେହେରାଙ୍କୁ ଗିରଫ କରାଯାଇଛି। ଏମାନେ କନ୍ଧମାଳରୁ ବାଇକ୍‌ରେ ଗଞ୍ଜେଇ ନେଇ ଭୁବନେଶ୍ୱର ଯାଉଥିବା ବେଳେ ଫାଣ୍ଡି ଅଧିକାରୀ ରମେଶ ଦେବତା ମାଳିସର ନିକଟରେ ଜବତ କରିବାରେ ସକ୍ଷମ ହୋଇଥିଲେ।

## ପାଳନ ହେଉନି କୋଭିଡ୍-୧୯ ନିୟମ

**ପାରାଦୀପ,୧୬।୭(ସ୍ୱ.ପ୍ର.)**

କରୋନା ଭୂତାଣୁ ଏବେ ହୁହୁ ହୋଇ ବଢ଼ିଚାଲିଛି। ଫଳରେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଭୟ ବଢୁଛି। କିନ୍ତୁ ଏହାରି ଭିତରେ ପାରାଦୀପ ମାଛଧରା ବନ୍ଦରରେ ମାଛ ଉତ୍ପାଦନ ଆରମ୍ଭ ହୋଇଛି। ପ୍ରାୟ ୧୧୫ ମାଛଧରା ଟ୍ରଲର ସମୁଦ୍ରକୁ ଗଲାଣି। ଏହିସବୁ ଟ୍ରଲରରେ ୧୧ ଶହରୁ ଅଧିକ ମତ୍ସ୍ୟଜୀବୀ ରହିଛନ୍ତି। ଏହାବାଦ ମାଛ ପ୍ରକ୍ରିୟାକରଣ କାମରେ ପ୍ରାୟ ୨ ହଜାର ଲୋକ କାମ କରୁଛନ୍ତି। ଏହି ସମସ୍ତ ଲୋକଙ୍କ ମଧ୍ୟରୁ ଅଧିକାଂଶ ବାହାର ରାଜ୍ୟରୁ ଆସିଛନ୍ତି। ମାତ୍ର ଯେଉଁମାନେ ବାହାରୁ ଆସିଛନ୍ତି ସେମାନଙ୍କ ପାଇଁ କୋଭିଡ୍-୧୯ ନିୟମ କାମରେ ଲାଗୁନି। ଯଥା-ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯାଉନାହିଁ। କୋଭିଡ ଟେଷ୍ଟ ବ୍ୟବସ୍ଥା ମଧ୍ୟ ନାହିଁ। ସମ୍ପୃକ୍ତ ମତ୍ସ୍ୟଜୀବୀଙ୍କୁ ମାଲିକମାନେ ଆଣିବା ପରେ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାଧାରଣ ଜ୍ୱର ଟେଷ୍ଟ କରାଇ ସିଧା ମାଛଧରିବା ପାଇଁ ପଠାଉଛନ୍ତି। ଏହାଦ୍ୱାରା ସମସ୍ତ ମତ୍ସ୍ୟଜୀବୀ ଓ ସେମାନଙ୍କ ସହିତ ମିଶୁଥିବା ଲୋକଙ୍କ ମନରେ ଅଜଣା ଭୟ ରହୁଛି ବୋଲି ସେଠାକାର ବ୍ୟବସାୟୀ ପ୍ରତାପ ସାହୁ କହିଛନ୍ତି। ଏତଦ୍‌ବ୍ୟତୀତ ସେଠାରେ ସାପ୍ତାହିକ ଶଟ୍‌ଡାଉନ ନିୟମ ପାଳନ ହେଉନାହିଁ। କାରଣ ମାଛ ଉତ୍ପାଦନ ପ୍ରକ୍ରିୟା ଅନବରତ ଚାଲିଥାଏ। ଏ ସମ୍ପର୍କରେ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମଧୁମୟ ସାମଲ କୁହନ୍ତି, ଏଠାରେ କ୍ୱାରାଣ୍ଟାଇନ ବ୍ୟବସ୍ଥା ନାହିଁ। ସେମାନେ ସ୍ୱାସ୍ଥ୍ୟକେନ୍ଦ୍ରରୁ କ୍ଲିୟରାନ୍ସ ଆଣୁଛନ୍ତି। ଆମ୍ଭର ପ୍ରବେଶ ପଥରେ କେବଳ ଥର୍ମାଲ ସ୍କ୍ରିନିଂ ବ୍ୟବସ୍ଥା କରିଛୁ। ଏଥିରେ ଜ୍ୱର ମପାଯାଉଛି। ଆଉ କିଛି ନାହିଁ।

### ଇ-ଅଭିଯୋଗ କାମ କରୁନି

ପାରାଦୀପ ମତ୍ସ୍ୟ ବିଭାଗରେ ଏବେବି ପୁରୁଣା ପ୍ରଥା ଚାଲିଛି। ଯଥା: କାର୍ଯ୍ୟାଳୟରେ ଲୋକେ ପୂର୍ବବତ ଯାତାୟାତ, ଟଙ୍କା ଜମା କରିବା, କାଗଜପତ୍ର ପଞ୍ଜୀକରଣ କରିବା ଆଦି କାମ କରୁଛନ୍ତି। ଜିଲାପାଳ କରୋନା ପାଇଁ ସରକାରୀ ଅଫିସ ପ୍ରବେଶ ଉପରେ କଟକଣା ଲଗାଇଛନ୍ତି। କିନ୍ତୁ ଏହି ନିୟମ ଏଠାରେ କାମରେ ଲାଗୁନି। ଏ ପ୍ରସଙ୍ଗରେ ମତ୍ସ୍ୟ ଅଧିକାରୀ ସାମଲ କୁହନ୍ତି ଅଫିସରେ ଇ-ଅଭିଯୋଗ ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷରେ ମତ୍ସ୍ୟଜୀବୀମାନେ ମଧ ଅନଲାଇନ କାମ ଜାଣିନାହାନ୍ତି।

